## ୩ ବଖରା ଜଳିଗଲା

ବଇଣ୍ଡା, (ଡି.ଏନ.ଏ.)-କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ ଅଧୀନ ତୁଳସୀପୁର ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି ଅର୍ଜୁନ ପ୍ରଧାନଙ୍କ ୩ ବଖରା ଘର ଜଳିଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଏଥିରେ ବର୍ଷକ ଲାଗି ମହଜୁଦ୍ କରି ରଖାଯାଇଥିବା ଧାନ, ଚାଉଳ ସମେତ ସମସ୍ତ ଆସବାବପତ୍ର ଜଳିଯାଇଛି। ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ବାମୁର ଅଗ୍ନିଶମ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହୋଇଛି।

# ଜିରୋ ନାଇଟ୍‌କୁ ନା’

ଢେଙ୍କାନାଳ ଅଫିସ, ୨୧।୧୨


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

- ମନ୍ଦିର ଖୋଲିବା ନିଷ୍ପତ୍ତି ୨୮ରେ
- ବଡ଼ଦିନରେ ଚର୍ଚ୍ଚରେ ସର୍ବାଧିକ ୧୦

କରୋନା ସଂକ୍ରମଣ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନ ହେବା ଯାଏ ସାମାନ୍ୟତମ ଅବହେଳାକୁ ପ୍ରଶ୍ରୟ ଦିଆଯିବନାହିଁ। ଜିରୋ ନାଇଟ୍ ସେଲିବେଶନ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯିବ। ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଯେପରି ଜନସମାଗମ ନ ହୁଏ ସେଥିଲାଗି ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍‌ରେ ସୋମବାର ଅନୁଷ୍ଠିତ କରୋନା ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ବ୍ଲକ ଏବଂ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ସହିତ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।

କରୋନା ସଂକ୍ରମଣ ଏଡ଼ାଇବାକୁ ସମସ୍ତ ଧର୍ମାନୁଷ୍ଠାନକୁ ଜାନୁୟାରୀ ୩ ଯାଏ ବନ୍ଦ ରଖାଯାଇଛି। ଚଳିତ ୨୮ ତାରିଖରେ ଧର୍ମୀୟସ୍ଥଳଗୁଡ଼ିକ ଖୋଲାଯିବା ନେଇ ବୈଠକ କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ୨୫ ତାରିଖରେ ବଡ଼ଦିନ ପାଳନ ଲାଗି ଚର୍ଚ୍ଚରେ ଜନସମାଗମକୁ ଅନୁମତି ଦିଆଯିବନାହିଁ। ଏଥିଲାଗି ଜିଲାପାଳଙ୍କୁ ଆବେଦନ କରି ଅନୁମତି ଲୋଡ଼ିବାକୁ ପଡ଼ିବ। ସର୍ବାଧିକ ୧୦ଜଣ ବ୍ୟକ୍ତି ଚର୍ଚ୍ଚରେ ଉପସ୍ଥିତ ରହିପାରିବେ। ଶୀତ ଲହରିକୁ ଦୃଷ୍ଟିରେ ରଖି ସମସ୍ତେ ଅଧିକ ସ୍ୱାସ୍ଥ୍ୟ ସଚେତନ ହେବା ଆବଶ୍ୟକ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି।

ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ନିରାଶ୍ରୟଙ୍କ ନିମନ୍ତେ କୋଠଘର, ମଠ, ବହୁମୁଖୀ ଆଶ୍ରୟସ୍ଥଳୀଗୁଡ଼ିକରେ ରାତ୍ରକାଳୀନ ରହଣି ବ୍ୟବସ୍ଥା କରାଯିବ। ଗ୍ରାମାଞ୍ଚଳରେ ସରପଞ୍ଚ, ବିଡିଓ, ତହସିଲଦାର ଏବଂ ସହରାଞ୍ଚଳରେ ନିର୍ବାହୀ ଅଧିକାରୀମାନେ ଏହି ବ୍ୟବସ୍ଥା କରିବେ। କରୋନା ଆକ୍ରାନ୍ତଙ୍କୁ ଚିକିତ୍ସାଳୟ ପକ୍ଷରୁ କମ୍ବଳ ଯୋଗାଇ ଦିଆଯିବାକୁ ଜିଲାପାଳ ସିଡିଏମ୍‌ଓଙ୍କୁ କହିଛନ୍ତି। କୋଭିଡ୍ ପରୀକ୍ଷା, ସାମାଜିକ ଦୂରତ୍ୱ ନିୟମ, ମାସ୍କ ଯାଞ୍ଚ ପୂର୍ବଭଳି ଜାରି ରହିବ। ଜିଲାର ବିଭିନ୍ନ କାର୍ଯ୍ୟାଳୟକୁ ଆସିଥିବା ସମସ୍ତ ଇ-ଅଭିଯୋଗଗୁଡ଼ିକୁ ୨୫ ତାରିଖ ସୁଦ୍ଧା ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ପୌରନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ବହୁ ଅଧିକାରୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ପଟ୍ଟା ଦାବିକଲେ ବସ୍ତିବାସିନ୍ଦା

ହିନ୍ଦୋଳ, ୨୧।୧୨(ଡି.ଏନ.ଏ.): ହିନ୍ଦୋଳ ଏନ୍ଏସି ୧୫ନଂ. ୱାର୍ଡ ଅଧୀନ ଆଲୁସିଂହ ଗ୍ରାମର କାଳିଆତୋଟା ବସ୍ତିବାସିନ୍ଦା ଜମିପଟ୍ଟା ଦାବି କରିଛନ୍ତି। ଏ ନେଇ ସେମାନେ ସୋମବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ସହର ଉପକଣ୍ଠରେ ଥିବା କାଳିଆତୋଟା ଏକ ଛୋଟ ବସ୍ତି। ଏଠାରେ ୨୦ରୁ ଊର୍ଦ୍ଧ୍ୱ ଲୋକ ବର୍ଷ ବର୍ଷ ଧରି ବସବାସ କରି ଆସୁଛନ୍ତି। ତଥାପି ସେମାନଙ୍କ ନାମରେ କୌଣସି ଜାଗାର ରେକର୍ଡ ନାହିଁ। ନିକଟରେ ସରକାରଙ୍କ ସହରାଞ୍ଚଳ ଜାଗା ମିଶନ ଯୋଜନାରେ ସେମାନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ତେବେ ସେମାନେ ରହୁଥିବା ଜାଗାର ପଟ୍ଟା ନ ଦେଇ ବସ୍ତିଠାରୁ ବହୁ ଦୂରରେ ଜାଗା ପ୍ରଦାନ କରାଯାଇଛି। ଭିଟାମାଟି ଛାଡ଼ି ଅନ୍ୟତ୍ର ଗଲେ ସେମାନଙ୍କ ସମସ୍ୟା ବଢ଼ିବ। ତେଣୁ ହିତାଧିକାରୀଙ୍କୁ ସେମାନେ ରହୁଥିବା ବସ୍ତିରେ ଜମିପଟ୍ଟା ଦେବାକୁ ନିବେଦନ କରିଛନ୍ତି। ଉପଜିଲାପାଳ ଉଦୟନାଥ ମହାପାତ୍ର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଦୁର୍ଘଟଣାରେ ବ୍ୟାଙ୍କ ଅଧିକାରୀ ଗୁରୁତର

କାମାକ୍ଷାନଗର, ୨୧।୧୨ (ଡି.ଏନ.ଏ.): କାମାକ୍ଷାନଗରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆର ସହ ପରିଚାଳିକା ସାଗରିକା ନାଥ ସୋମବାର ଅପରାହ୍ନରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ବ୍ୟାଙ୍କ କାମ ସାରି ଢେଙ୍କାନାଳ ଫେରୁଥିବାବେଳେ ତାଙ୍କ ସ୍କୁଟି ଆଗକୁ ଏକ କୁକୁର ଚାଲିଆସିଥିଲା। ଫଳରେ ସେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ମହିଳାଙ୍କୁ ମାଡ଼

ବଇଣ୍ଡା, ୨୧।୧୨(ଡି.ଏନ.ଏ.): ଗାଁବଇଣ୍ଡା ଗ୍ରାମର ନିବେଦିତା ରଣାଙ୍କୁ ସ୍ଥାନୀୟ ବିଭୂତି ସାହୁ ମାଡ଼ ମାରିଥିବା ସୋମବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୨୭୦/୨୦ରେ ମାମଲା ରୁଜୁ କରାଯାଇଛି। ପୂର୍ବଶତ୍ରୁତାଙ୍କୁ କେନ୍ଦ୍ରକରି ବିଭୂତି ଘରେ ପଶି ନିବେଦିତାଙ୍କୁ ମାଡ଼ ମାରିଥିବା ଏତଲାରେ ଦର୍ଶାଯାଇଛି।

### ହାଣ୍ଡିଧୁଆ ଇଲେଭେନ ଷ୍ଟାର ଚାମ୍ପିୟନ

ତାଳଚେର,୨୧।୧୨ (ନି.ପ୍ର.): ତାଳଚେର ବ୍ଲକ ଶିରିଗିଡ଼ା ଗ୍ରାମର ତ୍ରିନେତ୍ର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହାଣ୍ଡିଧୁଆ ଇଲେଭେନ୍ ଷ୍ଟାର ୧୮ ଓଭରରେ ୧୪୨ ରନ କରିଥିଲା। ଜବାବରେ ଶିରିଗିଡ଼ା ଦଳ ୧୨୮ ରନ କରି ପରାସ୍ତ ହୋଇଥିଲା। ଚାମ୍ପିୟନ ଟିମ୍‌କୁ ୧୦ ହଜାର ଓ ରନର୍ସଅପ୍ ଦଳକୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମୋହନ ଚରଣ ଦାସ, ସମ୍ମାନିତ ଅତିଥି ଭାବେ ଗାଁ କମିଟି ସଭାପତି ସୁଶାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ନଗେଶ ଦାସ, କୋଷାଧ୍ୟକ୍ଷ କୁଆଁର ଚରଣ ଦାସ ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁନା ବିଶ୍ୱାଳ ଏବଂ ରୁପାଲି ଦାସ ଖେଳ ପରିଚାଳନା କରିଥିବା ବେଳେ କାଳିଆ ଦାସ, ଅଜିତ ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଫାଇନାନ୍ସ ସଂସ୍ଥା ଅଧିକାରୀଙ୍କୁ ଲୁଟିଲେ

ବଅଁରପାଳ, ୨୧।୧୨(ଡି.ଏନ.ଏ.): ବଅଁରପାଳ ଥାନା ମହାଧରପୁର ଫାଣ୍ଡି କଲଣ୍ଡାପାଳ ରାସ୍ତାରୁ ସୋମବାର ଲୁଟ୍ ହୋଇଛି। ୩ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଏକ ଫାଇନାନ୍ସ ସଂସ୍ଥାର ଶାଖା ପରିଚାଳକ ବିଷ୍ଣୁ ପ୍ରସାଦ ସାହୁ ଏବଂ ସହ ଶାଖା ପରିଚାଳକ ସୁବାସ ଚନ୍ଦ୍ର ସାହୁଙ୍କଠାରୁ ୩୦ ହଜାର ଟଙ୍କା ନେଇଯାଇଛନ୍ତି। ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ୍ ବିଭ୍ରାଟ, ତାତିଲେ ଉପଭୋକ୍ତା


ଉପଭୋକ୍ତାମାନେ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ବଇଣ୍ଡା, ୨୧।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ଅନଳମୁଣ୍ଡା ଗ୍ରାମରେ ଦୀର୍ଘଦିନ ହେଲା ବିଦ୍ୟୁତ୍ ବିଭ୍ରାଟ ଲାଗିରହିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ସୋମବାର ଉପଭୋକ୍ତାମାନେ ବଇଣ୍ଡାସ୍ଥିତ ବିଭାଗୀୟ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।

ଅଭିଯୋଗ ଅନୁଯାୟୀ, ବଇଣ୍ଡା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୨କି.ମି. ଦୂରରେ ଅନଳମୁଣ୍ଡା ଗ୍ରାମ ଅବସ୍ଥିତ। ପୂର୍ବରୁ ବଇଣ୍ଡା ଫିଡରରୁ ବିଦ୍ୟୁତ୍ ସରବରାହ ହେଉଥିଲା। ୨୦୦୫ରୁ ହଣ୍ଡପାରୁ ବିଦ୍ୟୁତ୍ ଯୋଗାଣ କରାଯାଉଛି। ଏହାପରଠାରୁ ବିଦ୍ୟୁତ୍ ବିଭ୍ରାଟ ସୃଷ୍ଟି ହୋଇଛି। ଗ୍ରାମରେ ୧୦୮ ଉପଭୋକ୍ତା ଅଛନ୍ତି। ସମସ୍ୟାର ସମାଧାନ ଏବଂ ବଇଣ୍ଡା ଫିଡରରୁ ପୁନର୍ବାର ବିଦ୍ୟୁତ୍ ଯୋଗାଣ କରିବା ଦାବିରେ ସେମାନେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ସୁଫଳ ମିଳୁନାହିଁ। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମ ସଭାପତି ସୁଧାକର ସାହୁ, ସମ୍ପାଦକ ଅକ୍ଷୟ ପ୍ରଧାନ, ୱାର୍ଡସଭ୍ୟ ସୁବାସ ସାହୁ, ସୁଜାତା ପ୍ରଧାନ, ଚୁମୁକି ମାଝି, ପୂର୍ଣ୍ଣିମା ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝି କୁହନ୍ତି, ସମସ୍ୟା ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଛି। ଖୁବ୍‌ଶୀଘ୍ର ବଇଣ୍ଡା ଫିଡରରୁ ବିଦ୍ୟୁତ୍ ସରବରାହ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଅପରାଧ ନିୟନ୍ତ୍ରଣରେ ସରକାର ବିଫଳ



ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସର ଧାରଣା।

ଢେଙ୍କାନାଳ ଅଫିସ, ୨୧।୧୨

ନାରୀ ନିର୍ଯାତନାରେ ଓଡ଼ିଶା ଦେଶରେ ତୃତୀୟ। ୨୦୧୬ରୁ ଅଦ୍ୟାବଧି ୫ହଜାର ୫୦ ନାବାଳିକା ସମେତ ୭୦୦୦ ଶିଶୁ ନିଖୋଜ ଅଛନ୍ତି। ଶିଶୁ ଅପହରଣ, ଗଣବଳାତ୍କାର, ହତ୍ୟା ଭଳି ଜଘନ୍ୟ ଅପରାଧ ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ କରିଛି ଢେଙ୍କାନାଳ ଜିଲା କଂଗ୍ରେସ। ଏହାର ପ୍ରତିବାଦରେ ସୋମବାର ଦଳ ପକ୍ଷରୁ ଜିଲାପାଳ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ସମାବେଶରେ ପୋଲିସ ବିଭାଗର ବିଫଳତାକୁ ନେଇ କର୍ମକର୍ତ୍ତାମାନେ ବର୍ଷିଥିଲେ। ଜିଲାରେ ନିଖୋଜ, ଅପହୃତ ଶିଶୁ, ବଳାତ୍କାର ଘଟଣାରେ କେତେଜଣ ଅଭିଯୁକ୍ତ ଦଣ୍ଡ ପାଇଛନ୍ତି, ସେ ସମ୍ପର୍କରେ ପୋଲିସ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଉନାହିଁ। ପୋଲିସର ତଥ୍ୟଭିତ୍ତିକ ୱେବସାଇଟ୍ ସମ୍ପର୍କରେ କେହି ସ୍ପଷ୍ଟ ସୂଚନା ଦେଉନାହାନ୍ତି, ଯାହା ପୋଲିସର ପାରିବାପଣିଆ ପଦାରେ ପକାଇଛି ବୋଲି ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଜିଲା ପର୍ଯ୍ୟବେକ୍ଷକ ରଜତ ଚୌଧୁରୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁରେଶ ପାଣିଗ୍ରାହୀ, ସୁବାସିନୀ ମହାକୁଡ଼, ରବିନାରାୟଣ ମହାନ୍ତି, ସୁନୀଲ ଦାଶ, ପ୍ରେମଶଙ୍କର ମିଶ୍ର, ସମସିଦା ତାଏବ, ଆଦିତ୍ୟ ମହାପାତ୍ର, ବିପ୍ରବର ସାହୁ, ପ୍ରକାଶ କୁଅଁର, ମହମ୍ମଦ ହାଇଦର ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## ବଳି ବନ୍ଦ ପାଇଁ ବୈଠକ

ଆଠମଲ୍ଲିକ,୨୧।୧୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ପଞ୍ଚାୟତର ଛାତ ନ ଥିବା ଗାଁ ବେଲାଦୁଲାର ମା’ ମାଉଁଳୀଙ୍କ ପୀଠରେ ବଳିପ୍ରଥା ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ତହସିଲଦାର ସ୍ୱରୂପାନନ୍ଦ ସାହୁ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ନୋଟିସ୍ ମାଧ୍ୟମରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ଗାଁ ସଭାପତି, ସମସ୍ତ ୱାର୍ଡସଭ୍ୟଙ୍କୁ ଡକାଇ ବଳି ବନ୍ଦ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ଉପସ୍ଥିତ ଜନପ୍ରତିନିଧି ଗାଁକୁ ଯାଇ ଲୋକଙ୍କୁ ବୁଝାଶୁଝା କରି କେବଳ ମା’ଙ୍କ ପୂଜାବିଧି କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, କିଆକଟା ଥାନା ଆଇଆଇସି ଓନାମ ଲାକ୍ରା, କନ୍ଧପଡା ସରପଞ୍ଚ ଦିଲୀପ କୁମାର ପ୍ରଧାନ, ବେଲାଦୁଲା ଗାଁ ସଭାପତି ଶିବ ଅମାନ୍ତ, ମଦନ ମେହେର, ହିମାଂଶୁ ମହାକୁଡ଼, ୱାର୍ଡସଭ୍ୟ ସୁବଳ ଅମାନ୍ତ, ରୀନାବତୀ ମେହେର ଓ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀ ଘାସିରାମ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଶାଖା ବନ୍ଦ ପ୍ରତିବାଦରେ ବିକ୍ଷୋଭ



ବ୍ୟାଙ୍କ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୨୧।୧୨

ଢେଙ୍କାନାଳ ଷ୍ଟେଶନ ବଜାରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ପ୍ରତିବାଦରେ ସଚେତନ ନାଗରିକ ଫୋରମ୍‌ର ମହିଳା ଶାଖା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏହି ବ୍ୟାଙ୍କ ଶାଖା କାର୍ଯ୍ୟକ୍ଷମ ରଖିବାକୁ ରାଜ୍ୟ ମୁଖ୍ୟ ପ୍ରବନ୍ଧକଙ୍କୁ ସ୍ଥାନୀୟ ବ୍ୟାଙ୍କ ମ୍ୟାନେଜରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଶାଖା ଉପରେ ସ୍ଥାନୀୟ ଅଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମର ଶତାଧିକ ଜନସାଧାରଣ ନିର୍ଭରଶୀଳ। ୫ ହଜାର ଊର୍ଦ୍ଧ୍ୱ ଜନଧନ ଯୋଜନା ଖାତା ମଧ୍ୟ ଖୋଲାଯାଇଛି। ତେଣୁ ଏହାକୁ ବନ୍ଦ ନ କରିବା ପାଇଁ ଶାଖାର ସଭାନେତ୍ରୀ ପ୍ରଭାତୀ ମହାପାତ୍ର, ସମ୍ପାଦିକା ପ୍ରିୟଦର୍ଶିନୀ ମହାପାତ୍ର, ଉପସଭାପତି ବନଜା ମାନସିଂ, ଶିଳ୍ପୀଶ୍ରୀ ହରିଚନ୍ଦନ, ମଞ୍ଜୁଲତା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ଏସ୍‌ପି ଅଫିସ ସମ୍ମୁଖରେ ଗଣଧାରଣା

ଅନୁଗୋଳ ଅଫିସ,୨୧।୧୨


ଜିଲା କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଛି।

ପରୀ ହତ୍ୟାକାଣ୍ଡ, ଶିଶୁ ଚୋରି ଓ ନାବାଳିକା ବଳାତ୍କାର ଘଟଣା ବୃଦ୍ଧି ପାଉଥିବା ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଅନୁଗୋଳ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ଏସ୍‌ପି ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିରେ ଜିଲାର ବହୁ ବରିଷ୍ଠ ନେତା ଯୋଗଦେଇ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଥିବା ବେଳେ ସରକାର କେବଳ ନିଜ ଦଳର ନେତାଙ୍କୁ ସୁରକ୍ଷା ଦେବାରେ ବ୍ୟସ୍ତ ରହୁଥିବା ଅଭିଯୋଗ କରିଥିଲେ। ଏହି ଗଣଧାରଣାରେ ବରିଷ୍ଠ କଂଗ୍ରେସ ନେତା ସସ୍ମିତା ବେହେରା, ଦିଗାମ୍ବର ଗଡନାୟକ, ରାଜକିଶୋର ସାହୁ, ପ୍ରଫୁଲ୍ଲ ଦାସ, ସୁରେଶ ବେହେରା, ଜୟନ୍ତ ସାହୁ, ଗୋପାଳ ନାଥ, ଟିକନ ବେହେରା, ଦିଲୀପ ରାଉତ, ସୌମ୍ୟରଞ୍ଜନ ସାହୁ, ଧର୍ମେନ୍ଦ୍ର ନାଥ ମିଶ୍ର, ଗଣେଶ୍ୱର ସାହୁ, ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ବେହେରା, ସୁଦୀପ ମିଶ୍ର, ଆଲୋକ ଦାଶ ପ୍ରମୁଖ ଶତାଧିକ କର୍ମୀ, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ଶ୍ରମିକ କଂଗ୍ରେସ ଏବଂ ସେବାଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୨୧।୧୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହିର ସୁଜାତା ସାହୁଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ନଂ. ୨୪୬/୨୦ରେ ମାମଲା ରୁଜୁ କରାଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୁଜାତା ଅଭିଯୋଗରେ ଦର୍ଶାଇଛନ୍ତି, ୬ ମାସ ତଳେ ସେ ଟଙ୍କଧର ସାହୁଙ୍କୁ ମନ୍ଦିରରେ ପ୍ରେମବିବାହ କରିଥିଲେ। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ବାପଘର ଦାବି ମୁତାବକ ଜାନିଯୌତୁକ ଦେଇପାରି ନ ଥିଲେ। ଏବେ ୧ ଲକ୍ଷ ଟଙ୍କା ଦାବି କରି ସ୍ୱାମୀ ଟଙ୍କଧର, ଦେଢ଼ଶୁର ଟୁନା ସାହୁ, ଯାଆ ନଳିନୀ ସାହୁ, ଶାଶୁ ତୁଳସୀ ସାହୁ ନିର୍ଯାତନା ଦେଉଥିବା ସେ ଏତଲାରେ ଦର୍ଶାଇଛନ୍ତି।

## ସରିଲା ‘ଆଗ୍ନେୟ’

ଢେଙ୍କାନାଳ ଅଫିସ, ୨୧।୧୨

ଢେଙ୍କାନାଳ ବଜରଙ୍ଗ କ୍ଲବର ବାର୍ଷିକ ଉତ୍ସବ ଆଗ୍ନେୟ-୨୦୨୦ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗୋପବନ୍ଧୁ ଟାଉନ୍‌ହଲ ପରିସରରେ ଅନ୍ନପୂର୍ଣ୍ଣା ପାତ୍ରଙ୍କ ସ୍ମୃତିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ସମ୍ମାନିତ ଅତିଥି ସାମାଜିକ କର୍ମୀ ଦୀପ୍ତିମୟୀ ଲେଙ୍କା, ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ରକ୍ତଭଣ୍ଡାର ଅଧିକାରୀ ଡା. ଜୟନାରାୟଣ ପାଢ଼ୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ଭୀମସେନ ବେହେରା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅଧିକାରୀ ଅମିତ ଗୋଚ୍ଛାୟତ, ବଜରଙ୍ଗ କ୍ଲବ ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ନେହେରୁ ଯୁବକେନ୍ଦ୍ର ସହାୟତାରେ ଏହି ଶିବିର ଆୟୋଜିତ ହୋଇଥିଲା।


ଜଣେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

# ପ୍ରକଳ୍ପ ସମ୍ପ୍ରସାରଣକୁ ସହମତି

ହିନ୍ଦୋଳ/ସାତମାଇଲ, ୨୧।୧୨(ଡି.ଏନ.ଏ.)



ଜନଶୁଣାଣି ଶିବିରରେ ଅଧିକାରୀମାନେ।

- ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶିବିର
- କମ୍ପାନୀ ସହ ଆଲୋଚନା କଲେ ରୁଙ୍ଗଟା କ୍ଷତିଗ୍ରସ୍ତ

ହିନ୍ଦୋଳ ତହସିଲ କାର୍ଯ୍ୟାଳୟରେ ରବିବାର ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରୁଙ୍ଗଟା ମାଇନ୍ସ ଲିମିଟେଡ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପର ଷ୍ଟିଲ୍ ଉତ୍ପାଦନ କ୍ଷମତା ୩.୦ ନିୟୁତ ଟନ୍‌ରୁ ୩.୫୫ ନିୟୁତ ଏବଂ ପାୱାର ପ୍ଲାଣ୍ଟର କ୍ଷମତା ୩୮୫ ମେଗାୱାଟ୍‌ରୁ ୬୭୫କୁ ବୃଦ୍ଧି କରିବା ଲାଗି ଯୋଜନା କରାଯାଉଛି। ଏଥିଲାଗି ପରିବେଶ ମଞ୍ଜୁରୀ ଲାଗି କମ୍ପାନୀ ପକ୍ଷରୁ ଆବେଦନର ଜନଶୁଣାଣି ହୋଇଥିଲା। ପ୍ରକଳ୍ପ ସମ୍ପ୍ରସାରଣ ହେଲେ ଅଞ୍ଚଳର ଉନ୍ନତି ହେବାର ଆଶା ଥିବାରୁ କ୍ଷତିଗ୍ରସ୍ତମାନେ ଏଥିଲାଗି ସହମତି ଜଣାଇଥିଲେ।

କମ୍ପାନୀ ପାର୍ଶ୍ୱବର୍ତ୍ତୀ ଝାଡ଼ବନ୍ଧ, ଗାଲପଡ଼ା, ତର୍କାବେଡ଼ା, କୋଠାଲୁ, ବେରୁଆଁପାଳ, କଙ୍କାଲୁ, ବେଣିପଥର, କଡ଼ଲା ଏବଂ ବଡ଼ମୁଣ୍ଡା ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ। କମ୍ପାନୀ ପ୍ରଭାବିତ ଲୋକଙ୍କ ଲାଗି ସ୍ୱାସ୍ଥ୍ୟକେନ୍ଦ୍ର, ସମସ୍ତ ଗ୍ରାମକୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଏବଂ ରୋଜଗାର ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଅଗ୍ରାଧିକାର ଭିତ୍ତିରେ ଶିକ୍ଷା, ଅଭିଜ୍ଞତା ଅନୁଯାୟୀ ନିଯୁକ୍ତି ଦେବାକୁ କ୍ଷତିଗ୍ରସ୍ତ ପ୍ରଜା ନିବେଦନ କରିଥିଲେ। କମ୍ପାନୀ ଅଧିକାରୀ କହିଥିଲେ, କାରଖାନା ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ, ଭିତ୍ତିଭୂମି ବିକାଶ ଲାଗି ବହୁବିଧ ପଦକ୍ଷେପ ନିଆଯାଇଛି। ପ୍ରକଳ୍ପ ସମ୍ପ୍ରସାରଣ ହେଲେ ଅଞ୍ଚଳର ବିକାଶ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଅନୁପ ମଲ୍ଲିକ୍, ପରିବେଶ ବିଜ୍ଞାନୀ ରାକେଶ ମହାନ୍ତି, ଚନ୍ଦ୍ରଶେଖର ଚୌହାନ, କମ୍ପାନୀର ଯୁଗ୍ମ ଉପସଭାପତି ପ୍ରଦୀପ କୁମାର ଚତୁର୍ବେଦୀ, ବରିଷ୍ଠ ମହାପ୍ରବନ୍ଧକ ଦେବବ୍ରତ ମିଶ୍ର, ମାନବ ସମ୍ବଳ ବିଭାଗ ସହକାରୀ ପ୍ରବନ୍ଧକ ଅଜୟ ଦାସ, ସାମାଜିକ ଦାୟିତ୍ୱବୋଧ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ନନ୍ଦ, ମାନସ ରଞ୍ଜନ ଜେନା, ଗୋପୀନାଥ ସ୍ୱାଇଁ, ପ୍ରଭାତ ରଞ୍ଜନ ଆଇଚ୍, ହରିହର ସାହୁ ପ୍ରମୁଖ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ସନ୍ତୁଷ୍ଟି ଦେଉନି ସବୁଜିମା ସର୍ଭେ

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ,୨୧।୧୨**



■ଅନୁଗୋଳରେ ଜଙ୍ଗଲ ସହ ଘନତ୍ୱ ବଢୁଥିବା କହୁଛି ବନ ବିଭାଗ
■ରିପୋର୍ଟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ପରିବେଶବିତ୍
■୪ ବର୍ଷରେ ଜିଲାର ୫୦୯୨.୯୧୩ ହେକ୍ଟର ଜମିରେ ବନୀକରଣ

ପ୍ରତିବର୍ଷ ଅନୁଗୋଳ ଜିଲାରେ ହେଉଛି ବନୀକରଣ। ସହସ୍ରାଧିକ ହେକ୍ଟର ଜମିରେ ଲଗାଯାଉଛି ଲକ୍ଷାଧିକ ଚାରା। ଏଥିରୁ ବନ ବିଭାଗ ନିଜେ କିଛି ରୋପଣ କରୁଥିବାବେଳେ ବଳକା ଚାରା ସରକାରୀ ଓ ବେସରକାରୀ ସଂସ୍ଥା ସହ ସାଧାରଣରେ ବଣ୍ଟନ କରାଯାଉଛି। ଏପରି କି ଖଣି ଓ ସହରାଞ୍ଚଳ ବିକାଶ ପାଇଁ ଯେତିକି ଗଛ କଟାଯାଉଛି ତାହା ବନୀକରଣ ମାଧ୍ୟମରେ ଭରଣା କରାଯାଉଛି। ଫଳରେ ପ୍ରତି ଦୁଇ ବର୍ଷରେ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ଯେଉଁ ରିପୋର୍ଟ ଦିଆଯାଉଛି, ସେଥିରେ ଅନୁଗୋଳ ଜିଲାରେ ଜଙ୍ଗଲ ସହ ସବୁଜିମା ବୃଦ୍ଧି ପାଉଥିବା ଦର୍ଶାଯାଉଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ଏହି ରିପୋର୍ଟକୁ ନେଇ ସନ୍ତୁଷ୍ଟ ନୁହନ୍ତି ପରିବେଶିତ୍। ସବୁଜିମା ବୃଦ୍ଧି ପାଉଥିବା ଦର୍ଶାଯାଉଥିଲେ ମଧ ଜଙ୍ଗଲର ଘନତ୍ୱ ବଢୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଶିଳ୍ପ ଜିଲା ଅନୁଗୋଳରେ ଘଞ୍ଚ ଜଙ୍ଗଲ ଅଧିକ ନ ବଢ଼ିଲେ ଆଗାମୀ ଦିନରେ ପ୍ରଦୂଷଣ ଭୟାନକ ସ୍ଥିତି ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

ଅନୁଗୋଳ ବନଖଣ୍ଡ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ଗତ ୪ ବର୍ଷରେ ବନଖଣ୍ଡର ମୋଟ୍ ୫୦୯୨.୯୧୩ ହେକ୍ଟର ଜମିରେ ବନୀକରଣ ହୋଇଛି। ବନ ବିଭାଗ ପକ୍ଷରୁ ୧୪ ଲକ୍ଷ ୪୫ ହଜାର ୬୫ ଚାରା ରୋପଣ କରାଯାଇଥିବା ବେଳେ ୨୭ ଲକ୍ଷ ୨୭ ହଜାର ୯୨୦ ଚାରା ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା, ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ୮ଟି ଯୋଜନାରେ ଜିଲାର ୩୬୭.୫୩ ହେକ୍ଟର ଜମିରେ ବନୀକରଣ ହୋଇଥିଲା। ସେଥିରୁ ୩୨ ଏକର ଖୋଲା ସ୍ଥାନ ଓ ୩୩୫.୫୩୦ ହେକ୍ଟର ଜମିରେ ଜଙ୍ଗଲର ଘନତ୍ୱ ବଢ଼ାଇବା ପାଇଁ ବନୀକରଣ କରାଯାଇଥିଲା। ୮ କିଲୋମିଟର ରାସ୍ତା ପାର୍ଶ୍ୱରେ ଚାରା ରୋପଣ ହୋଇଥିଲା। ବିଭାଗ ପକ୍ଷରୁ ୧ ଲକ୍ଷ ୩୩ ହଜାର ୫୯୬ ଚାରା ଲଗାଯାଇଥିବା ବେଳେ ୩୩ ହଜାର ଚାରା ବଣ୍ଟନ ଓ ବିକ୍ରି କରାଯାଇଥିଲା। ୨୦୧୮-୧୯ ବର୍ଷରେ ୧୭୫୨.୯୩୨ ହେକ୍ଟର ଜମିରେ ଚାରା ଲଗାଯାଇଥିଲା। ଖୋଲା ସ୍ଥାନରେ ସବୁଜିମା ସୃଷ୍ଟି ପାଇଁ ୫୧.୬୮୨ ହେକ୍ଟରରେ ଓ ଜଙ୍ଗଲର ଘନତ୍ୱ ବୃଦ୍ଧି ନିମନ୍ତେ ୧୭୦୧.୨୫ ହେକ୍ଟରରେ ବନୀକରଣ ହୋଇଥିଲା। ୩୭ କିଲୋମିଟର ରାସ୍ତା ପାର୍ଶ୍ୱରେ ଚାରା ଲଗାଯାଇଥିଲା। ବିଭାଗ ପକ୍ଷରୁ ୪ ଲକ୍ଷ ୪୬ ହଜାର ୮୫୧ ଚାରା ଲଗାଯାଇଥିବା ବେଳେ ୩ ଲକ୍ଷ ୪୩୦ ବଣ୍ଟନ କରାଯାଇଥିଲା। ୨୦୧୯-୨୦ରେ ୧୭୫୭.୪୩ ହେକ୍ଟର ମଧ୍ୟରୁ ୭୧.୨୩ ହେକ୍ଟର ଖୋଲାସ୍ଥାନ ଓ ୧୬୮୬.୨ ହେକ୍ଟର ଜଙ୍ଗଲ ଜମିରେ ଚାରା ରୋପଣ କରାଯାଇଥିଲା। ୫୭ କିଲୋମିଟର ରାସ୍ତା ପାର୍ଶ୍ୱକୁ ବନୀକରଣ କରାଯାଇଥିଲା। ବିଭାଗ ପକ୍ଷରୁ ୪ ଲକ୍ଷ ୩୨ ହଜାର ୪୫୮ ଚାରା ରୋପଣ କରାଯାଇଥିବା ବେଳେ ୮ ଲକ୍ଷ ୬୬ ହଜାର ୪୯୦ ବଣ୍ଟନ ଓ ବିକ୍ରି କରାଯାଇଥିଲା। ଚଳିତ ୨୦୨୦-୨୧ ଆର୍ଥିକ ବର୍ଷରେ ୧୨୧୫ ହେକ୍ଟରରେ ଚାରା ଲଗାଯାଇଛି। ସେଥିରୁ ୯୫ ହେକ୍ଟର ଖୋଲା ସ୍ଥାନ ଓ ୧୧୨୦ ହେକ୍ଟର ଜଙ୍ଗଲ ଜମି ରହିଛି। ୬୮ କିଲୋମିଟର ରାସ୍ତା ପାର୍ଶ୍ୱକୁ ବନୀକରଣ କରାଯାଇଛି। ୪ ଲକ୍ଷ ୩୨ ହଜାର ୧୬୦ ଚାରା ବିଭାଗ ଲଗାଇଥିବାବେଳେ ୧୫ ଲକ୍ଷ ୨୮ ହଜାର ଚାରା ବଣ୍ଟନ କରାଯାଇଛି।

### ଜଙ୍ଗଲର ଘନତ୍ୱ ବଢୁଥିବା ଦେଖାଯାଉନି



“ଘଞ୍ଚ ଜଙ୍ଗଲ ପ୍ରକୃତି ଉପରେ ଭଲ ପ୍ରଭାବ ପକାଇଥାଏ। ଏହା ତାପମାତ୍ରା ଓ ପ୍ରଦୂଷଣ ବଢ଼ିବାକୁ ଦେଇ ନ ଥାଏ। ଶିଳ୍ପାୟନ ଯୋଗୁ ଅନୁଗୋଳରେ ପ୍ରଦୂଷଣ ବଢୁଥିବାରୁ ଏଠାକାର ଜଙ୍ଗଲ ଅଧିକ ଘଞ୍ଚ ହେବା ଆବଶ୍ୟକ। କିନ୍ତୁ ସାଟେଲାଇଟ୍ ଇମେଜ୍‌ରେ ଘନତ୍ୱ ବଢୁ ନ ଥିବା ଦେଖାଯିବା ଚିନ୍ତାର ବିଷୟ ହୋଇଛି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ବିପଦ ବଢ଼ିବ।

-ସ୍ୱପ୍ନା ଷଡ଼ଙ୍ଗୀ, ପରିବେଶବିତ୍

### ବନୀକରଣ ତଥ୍ୟ ସନ୍ଦେହ ସୃଷ୍ଟି କରୁଛି



“ପ୍ରତିବର୍ଷ କେଇ ଲକ୍ଷ ଚାରା ପ୍ରସ୍ତୁତ ସହ ଲଗାଯାଉଥିବା ନେଇ ବନ ବିଭାଗ ଯେଉଁ ତଥ୍ୟ ଦେଉଛି ସେହି ଅନୁଯାୟୀ ଜିଲାରେ ସବୁଜିମା ବଢୁଥିବା ଦୃଷ୍ଟିଗୋଚର ହେଉନାହିଁ। ଜଙ୍ଗଲ ବଢ଼ିଥିବା କୁହାଯାଉଥିଲେ ବି ଚାରା ତୁଳନାରେ ବନୀକରଣ ବଢ଼ିନାହିଁ। ଜଙ୍ଗଲ ସହ ଜଡ଼ିତ ବ୍ୟକ୍ତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଚାରା ବଣ୍ଟନ ଦାୟିତ୍ୱ ଦିଆଗଲେ ପରିବେଶକୁ ଅଧିକ ଲାଭ ମିଳନ୍ତା।

-ପ୍ରସନ୍ନ କୁମାର ବେହେରା, ପରିବେଶବିତ୍

### ଚାରା ରୋପଣ ସହ ରକ୍ଷଣାବେକ୍ଷଣ ଜରୁରୀ



“ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରା ରୋପଣ ସହ ରକ୍ଷଣାବେକ୍ଷଣ କରାଯାଉଛି। ତଥାପି କେତେକ ସ୍ଥାନରେ ଖାମଖିଆଲ ମନୋଭାବ ଦେଖିବାକୁ ମିଳୁଛି। ଉପଯୁକ୍ତ ଯତ୍ନ ନିଆଯାଉଥିବା ସ୍ଥାନରେ ଚାରାଗୁଡ଼ିକ ଗଛରେ ପରିଣତ ହେଲାଣି। କିନ୍ତୁ ଯେଉଁଠାରେ ରକ୍ଷାଣାବେକ୍ଷଣ କରାଯାଉନାହିଁ, ସେଠାରେ ଲଗାଯାଇଥିବା ଚାରା ଦେଖିବାକୁ ମିଳୁନି।

-ବାଉରିବନ୍ଧୁ ବେଜ୍, ପରିବେଶବିତ୍

### ଜଳବାୟୁ ନେଇ ଚାରା ପ୍ରସ୍ତୁତ କରାଯାଉଛି



“ସ୍ଥାନୀୟ ଅଞ୍ଚଳର ଜଳବାୟୁ ଓ ଲୋକଙ୍କ ଚାହିଦା ମୁତାବକ ଚାରା ପ୍ରସ୍ତୁତ କରାଯାଉଛି। ଏହାକୁ ଜଙ୍ଗଲ ବିଭାଗ, ସରକାରୀ ଓ ବେସରକାରୀ ସଂସ୍ଥା, ସାଧାରଣ ଲୋକ ଏବଂ ବିଭିନ୍ନ ଅନୁଷ୍ଠାନକୁ ବଣ୍ଟନ କରାଯାଉଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ଚାରା ଗୁଡ଼ିକର ତଦାରଖ ଓ ଅନୁଧାନ କରାଯାଉଛି। ଜିଲାରେ ସବୁଜିମା ସହ ଘଞ୍ଚ ଜଙ୍ଗଲ ବୃଦ୍ଧି ପାଉଛି।

-ପ୍ରସନ୍ନ କୁମାର ବେହେରା, ଡିଏଫ୍‌ଓ, ଅନୁଗୋଳ ବନଖଣ୍ଡ

## ସଂକ୍ଷେପରେ

### ଆଶିଷ ବ୍ଲକ ବିଜେଡି ଯୁବ ସଭାପତି

**ଛେଣ୍ଡିପଦା,୨୧।୧୨(ସ୍ୱ.ପ୍ର.):** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ୍ ଏବଂ ଡକ୍ଟର ବ୍ୟୋମକେଶ ରାୟଙ୍କ ଦ୍ୱାରା ଅନୁଗୋଳ



ଜିଲାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଏହି ନୂଆ କମିଟିରେ ଛେଣ୍ଡିପଦା ବ୍ଲକ ଯୁବ ବିଜେଡି ସଭାପତି ଭାବେ ଆଶିଷ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏ ନେଇ ଆଶିଷ ଦଳ ସଭାପତି ନବୀନ ପଟ୍ଟନାୟକ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଓ ଜିଲା ଯୁବସଭାପତି ଦିନେଶ କୁମାର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବଦଳିଲେ ସାତକୋଶିଆ ଡିଏଫ୍‌ଓ

**ବନ୍ତଳା, ୨୧।୧୨(ଡି.ଏନ୍.ଏ.):** ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡର ଡିଏଫ୍‌ଓ ରାମସ୍ୱାମୀ ପି.ଙ୍କ ସୋମବାର ପୁରୀ ବନ୍ୟପ୍ରାଣୀ ଡିଏଫ୍‌ଓ ଭାବେ ବଦଳି ହୋଇଛି। ଛେଣ୍ଡିପଦା ରେଞ୍ଜ୍‌ରେ ଅବସ୍ଥାପିତ ପ୍ରୋବେଶନାଲ ଆଇଏଫ୍‌ଏସ୍ ରବି ମିନାଙ୍କୁ ସାତକୋଶିଆ ଡିଏଫଓ ଭାବେ ନୂଆ ନିଯୁକ୍ତି ମିଳିଛି। ଏ ନେଇ ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଦୁର୍ଘଟଣାରେ ୩ ଗୁରୁତର

**ଛେଣ୍ଡିପଦା,୨୧।୧୨(ସ୍ୱ.ପ୍ର):** ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ଟାଙ୍ଗରସାହିଠାରେ ସୋମବାର ଅପରାହ୍ନ ୧ଟା ବେଳେ ଏକ କାର୍ ରାସ୍ତାକଡରେ ଛିଡା ହୋଇଥିବା ଟାଟାଏସିକୁ ଧକ୍କା ଦେବା ଫଳରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଟାଙ୍ଗରସାହିର ପଦ୍ମଚରଣ ସାହୁ, ଚିନ୍ମୟ ସାହୁ ଓ କୋରଡା ଗ୍ରାମର ଟୁନା ପ୍ରଧାନ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ପଦ୍ମଚରଣଙ୍କୁ ଅନୁଗୋଳ ସ୍ଥାନାନ୍ତର କରାଯାଇଛି। ନିଶାଥାନା ପୋଲିସ ପହଞ୍ଚି ଗାଡି ଦୁଇଟିକୁ ଜବତକରି ଥାନାକୁ ନେଇଛି। ଏ ନେଇ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ଛେଣ୍ଡିପଦା,୨୧।୧୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଜରପଡା ଥାନା ତୁକୁଡା ପଞ୍ଚାୟତର ସୁରଙ୍ଗସାହିରେ ସୋମବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତରେ ଜପକୃଷ୍ଣ ମହାଳିକ(୩୨)ଙ୍କ ମୃତ୍ୟୁ ହୋଇଛି। ଜପକୃଷ୍ଣ ନିଜ ଘରେ ବିଦ୍ୟୁତ ବୋର୍ଡ ମରାମତି କରୁଥିବା ବେଳେ ଆଘାତ ଲାଗିଥିଲା। ପରିବାର ଲୋକେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୨୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୨୧।୧୨:** ଅନୁଗୋଳ ଜିଲାରେ ସୋମବାର ୨୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧ ହଜାର ୬୩୯ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୧୦, ବଅଁରପାଳରୁ ୮, ତାଳଚେରରୁ ୮, ଅନୁଗୋଳରୁ ୩ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୩୨ଜଣ ସୁସ୍ଥ ହୋଇଛନ୍ତି।

### ଚାଷୀ ସମାବେଶରେ ଯୋଗଦେବେ ଧର୍ମେନ୍ଦ୍ର

**ଢେଙ୍କାନାଳ ଅଫିସ, ୨୧।୧୨:** କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ସମର୍ଥନ ଜଣାଇ ଢେଙ୍କାନାଳ ମିନି ଷ୍ଟାଡିୟମ୍‌ରେ ଚଳିତ ୨୬ ତାରିଖରେ ଚାଷୀ ସମାବେଶ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ସୋମବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀ ସମାବେଶକୁ ସଫଳ କରିବାକୁ ଏଥିରେ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଜାତୀୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀ, ରାଜ୍ୟ ସାଧାରଣ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଝାମ୍ପିନେଲେ ଲକ୍ଷେ ଟଙ୍କା

**ଢେଙ୍କାନାଳ ଅଫିସ, ୨୧।୧୨**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପଛ ପାଖ ଦେଇ ଯାଇଥିବା ଜନଗହଳିପୂର୍ଣ୍ଣ ପୂର୍ତ୍ତ ବିଭାଗ ରାସ୍ତାରୁ ସୋମବାରଦିନ ସାଢ଼େ ୧୨ଟାରେ ଲୁଟ୍ ହୋଇଛି। ଜଣେ ମହିଳାଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଏଥିରେ ଲକ୍ଷେ ଟଙ୍କା ଥିଲା। ଲୁଟ୍‌ର ଶିକାର ହୋଇଛନ୍ତି। ଭାଗିରଥୀ ବିହାର ଅଞ୍ଚଳର ଜୟନ୍ତୀ ସ୍ୱାଇଁ। ସେ ବ୍ୟାଙ୍କରୁ ଟଙ୍କା ଉଠାଇ ଭ୍ୟାନିଟ୍ ବ୍ୟାଗ୍‌ରେ ରଖି ଚାଲିଚାଲି ଘରକୁ ଫେରୁଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କଠାରୁ ବ୍ୟାଗ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ନଂ. ୫୨୪/୨୦ରେ ଏକ ମାମଲା ରୁଜୁ କରିଛି।

## ସ୍ୱାସ୍ଥ୍ୟସେବାରେ ଆଶାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବଇଣ୍ଡା, ୨୧।୧୨(ଡି.ଏନ.ଏ.)**

କିଶୋରନଗର ଏବଂ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ୭ଦିନିଆ ଉପଖଣ୍ଡସ୍ତରୀୟ ଆଶାକର୍ମୀ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିପିଏମ୍ ସନ୍ତୋଷ ମହାରଣା, ଆୟୁଷ ଡାକ୍ତର ସରୋଜ ନନ୍ଦ, ପ୍ରମୋଦ ସିଂସାମନ୍ତ, ନାରାୟଣ ଦେହୁରୀ ପ୍ରମୁଖ ଯୋଗଦେଇ କହିଲେ, ସ୍ୱାସ୍ଥ୍ୟସେବାରେ ଆଶାକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗର୍ଭବତୀଙ୍କ ସ୍ୱାସ୍ଥ୍ୟର ଯତ୍ନ, ମାତୃ ମୃତ୍ୟୁହାର ରୋକିବାର ଗୁରୁଦାୟିତ୍ୱ ଆଶାଙ୍କ କାନ୍ଧରେ ନ୍ୟସ୍ତ କରାଯାଇଛି। ଦିନରାତି ସେମାନେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏଥିଲାଗି ଆଶାକର୍ମୀମାନେ ସମ୍ମାନର ହକ୍‌ଦାର ବୋଲି ଅତିଥିମାନେ କହିଥିଲେ। ଶିବିରରେ ଆଠମଲ୍ଲିକ ଏବଂ କିଶୋରନଗର ବ୍ଲକର ୧୯ ଜଣ ଆଶାକର୍ମୀ ଅଂଶଗ୍ରହଣ କରିଛନ୍ତି।

## ମାଧପୁର ସମିତିରେ ମଣ୍ଡି ଆରମ୍ଭ

**ମାଧପୁର,୨୧।୧୨**

ଆଠମଲ୍ଲିକ ବ୍ଲକ ମାଧପୁର ସେବା ସମବାୟ ସମିତିରେ ସୋମବାରଠାରୁ ମଣ୍ଡି ଆରମ୍ଭ ହୋଇଛି। ମାଧପୁର, ଲୁଣହାଣ୍ଡି ଏବଂ କୁଦଗାଁ ପଞ୍ଚାୟତର ଆଂଶିକ ଚାଷୀଙ୍କୁ ନେଇ ଗଠିତ ଏହି ସମିତିକୁ ପ୍ରଥମ ଦିନରେ ମାତ୍ର ଦୁଇଜଣ ଚାଷୀଙ୍କ ଟୋକନ ଆସିଥିବା ସୂଚନା ମିଳିଛି। ଏହି ଅବସରରେ ମାଧପୁର ସରପଞ୍ଚ ଗଣେଶ୍ୱର ଜେନା, ପୂର୍ବତନ ସରପଞ୍ଚ ତଥା କୃଷକ ମହାସଂଘ ସଭାପତି ଦେବେନ୍ଦ୍ର ପ୍ରଧାନ, ସେବା ସମବାୟ ସମିତିର ପୂର୍ବତନ ସଭାପତି ବିଶ୍ୱାମିତ୍ର ମହାଖୁଡ଼, ପ୍ରଫୁଲ୍ଲ ସାହୁ, ସଚ୍ଚିଦାନନ୍ଦ ପ୍ରଧାନ, ଶ୍ରୀନିବାସ ପ୍ରଧାନ, କୁନାଚରଣ ରଥ, ଘନଶ୍ୟାମ ପ୍ରଧାନ, ଜ୍ଞାନ ରଞ୍ଜନ ପ୍ରଧାନ, ଜମ୍ମେଶ୍ୱର ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଧାନର ମାନ ଦେଖି କଟନୀ ଛଟନି ସହିତ ବସ୍ତା ଫେରାଇବା କଥା ସମ୍ପାଦକ ସର୍ବେଶ୍ୱର ଗୁରାଣ୍ଡିଙ୍କ ସହିତ ଆଲୋଚନା ହୋଇଥିଲା। ଏ ନେଇ ବ୍ୟବସ୍ଥା କରାଯିବ ବୋଲି ସମ୍ପାଦକ ପ୍ରତିଶ୍ରୁତି ଦେଇଥିଲେ। ସଞ୍ଜୟ ପ୍ରଧାନ ଉପସ୍ଥିତ ଥିଲେ।



ମଣ୍ଡିର ଶୁଭାରମ୍ଭ କରାଯାଉଛି।

## ଡିଜିଟାଲ ମାର୍କେଟିଂ ଉପରେ ଆଲୋଚନା

**ଅନୁଗୋଳ ଅଫିସ,୨୧।୧୨**

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଏମ୍‌ବିଏ ଓ ଏମ୍‌କମ୍ ବିଭାଗ ପକ୍ଷରୁ ‘ଡିଜିଟାଲ ମାର୍କେଟିଂ ଏବଂ ଏହାର ପ୍ରୟୋଗ’ ଶୀର୍ଷକ ଏକ ଓ୍ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରାଜସ୍ଥାନ ବିଭାଗୀୟ ମୁଖ୍ୟ ତଥା ବରିଷ୍ଠ ଅଧ୍ୟାପକ ଡ. ଉମାଶଙ୍କର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କରୋନା ମହାମାରୀ ସମୟରେ ଡିଜିଟାଲ ମାର୍କେଟିଂ କିପରି ସହାୟତା କରିପାରୁଛି ତାହା ଉପରେ ଆଲୋକପାତ କରିଥିଲେ। ଅନୁଗୋଳ କଲେଜର ବିଭାଗୀୟ ନିର୍ଦ୍ଦେଶକ ଡ. ସୋମେଶଦତ୍ତ ଦାସ, ବିଭାଗୀୟ ସଂଯୋଜକ ଡ. ଅଭୟ ମଲ୍ଲିକ ଆଲୋଚନାଚକ୍ରକୁ ପ୍ରଶଂସା କରିଥିଲେ। ବିଭାଗୀୟ ମୁଖ୍ୟ ଦୀପକ କୁମାର ମିଶ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ସୋନାଲି ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଲିପିକା ପରିଡ଼ା, ଅଧ୍ୟାପକ ଅନିଲ ରାଉତ, ଦେବବ୍ରତ ସାହୁ ଏବଂ ରଞ୍ଜୟ ସର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଜାନୁୟାରୀ ୫ରେ ଓଳଥବାସୀଙ୍କ ଆନ୍ଦୋଳନ



ବୈଠକରେ ଉପସ୍ଥିତ ଓଳଥ ଗ୍ରାମବାସୀ।

**ଆଠମଲ୍ଲିକ,୨୧।୧୨(ଡି.ଏନ.ଏ.)**

ଏକ ମେଗା ଜଳସେଚନ ପ୍ରକଳ୍ପକୁ ନେଇ ଆଠମଲ୍ଲିକ ଅଏଡା ପଞ୍ଚାୟତର ଓଳଥ ଓ ଲୁହାସିଙ୍ଗା ପଞ୍ଚାୟତର ପତାକା ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘଦିନ ହେଲା ତିକ୍ତତା ଲାଗିରହିଛି। ମଙ୍ଗଳବାର ଓଳଥ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ଦେବାର କାର୍ଯ୍ୟକ୍ରମ ପୂର୍ବରୁ ସ୍ଥିର ହୋଇଥିଲା। ହେଲେ କୋଭିଡ୍-୧୯ କାରଣରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଆନ୍ଦୋଳନ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଥିବାରୁ ସୋମବାର ଗ୍ରାମବାସୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସଭାନେତ୍ରୀ ଟୁନି ବେହେରାଙ୍କ ଆହ୍ୱାନରେ ଏକ ବୈଠକ କରିଥିଲେ। ଆସନ୍ତା ଜାନୁୟାରୀ ୫ ତାରିଖରେ ଏକ ବିରାଟ ଶୋଭାଯାତ୍ରାରେ ଯାଇ ଓଳଥ ଗ୍ରାମର ଚାଷୀମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଗ୍ରାମବାସୀ କହିଛନ୍ତି, ଏହି ମେଗା ପ୍ରକଳ୍ପ ଓଳଥଠାରେ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ବୈଷୟିକ ତ୍ରୁଟି ଦର୍ଶାଇ ପ୍ରକଳ୍ପକୁ ପତାକା ଗ୍ରାମକୁ ସ୍ଥାନାନ୍ତର କରାଯାଇଥିଲା। ଦୁଇ ଗାଁ ମଧ୍ୟରେ ତିକ୍ତତା ଦେଖାଦେବାରୁ ଏ ନେଇ ଉଭୟ ଗ୍ରାମବାସୀ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ମୁଖ୍ୟମନ୍ତ୍ରୀ ଶୁଭଦେଇଥିବା ଓଳଥଠାରେ ପ୍ରକଳ୍ପ ହେବ ବୋଲି କହିଥିଲେ। କିନ୍ତୁ କିଛିଦିନ ପରେ ହଠାତ ପ୍ରକଳ୍ପ କାର୍ଯ୍ୟ ପତାକା ଗାଁରେ ଆରମ୍ଭ ହେଇଥିଲା। ଅପରପକ୍ଷରେ ଓଳଥ ଗ୍ରାମବାସୀ ପ୍ରକଳ୍ପ ନିର୍ମାଣ ପାଇଁ ଯାଉଥିବା ଗାଡିକୁ ଅଟକାଇ ଫେରାଇଦେଉଥିବା ମେଗାପ୍ରକଳ୍ପ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି।

# କ୍ଷତିଗ୍ରସ୍ତ ମାଲିକଙ୍କ ଅନଶନ

**କାମାକ୍ଷାନଗର,୨୧।୧୨(ଡି.ଏନ.ଏ.)**

■ଓଟିପିସିଏଲ୍ ମେଶିନ ପୋଡ଼ି ଘଟଣା
■୩ଦିନ ପରେ ପୋଲିସ ହାତ ଖାଲି

ଢେଙ୍କାନାଳ ଜିଲା କାମାକ୍ଷାନଗର ତୁମୁସିଙ୍ଗା ଥାନା ଅଁଳାବେରେଣୀସ୍ଥିତ ଓଟିପିସିଏଲ୍ ସିଭିଲ ଟାଉନସିପ୍ ନିର୍ମାଣସ୍ଥଳ କ୍ୟାମ୍ପରେ ଉଦ୍ଦେଶ୍ୟମୂଳକ ଭାବେ ୬ ଏକ୍ସାଭେଟର ପୋଡ଼ି ଘଟଣାର ୩ଦିନ ପରେ ବି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରିନାହିଁ। ଏହାର ପ୍ରତିବାଦରେ ସୋମବାର କ୍ଷତିଗ୍ରସ୍ତ ମାଲିକ ଅନଶନ ଆରମ୍ଭ କରିଛନ୍ତି। ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ମେଶିନ ମାଲିକଙ୍କ ଅଭିଯୋଗ ଅନୁଯାୟୀ, ସିଭିଲ ଟାଉନସିପ୍ ନିମନ୍ତେ ମାଟି ସମତଳ କରିବା ଲାଗି ୧୧ ମେଶିନ ନିୟୋଜିତ କରାଯାଇଥିଲା। ଗତ ଶୁକ୍ରବାର ଭୋର୍ ସମୟରେ ଉଦ୍ଦେଶ୍ୟମୂଳକ ଭାବେ କେହି ଦୁର୍ବୃତ୍ତ ପେଟ୍ରୋଲ ଢାଳି ୬ ଏକ୍ସାଭେଟର ପୋଡ଼ି ଦେଇଥିଲେ।



ଅନଶନରେ ବସିଥିବା କ୍ଷତିଗ୍ରସ୍ତ ମେଶିନ ମାଲିକମାନେ।

କ୍ୟାମ୍ପରେ ସୁରକ୍ଷା କର୍ମୀଙ୍କ ଉପସ୍ଥିତି ସତ୍ତ୍ୱେ ଏଭଳି ଘଟଣା ଘଟିବା ଏବଂ କମ୍ପାନୀ ପକ୍ଷରୁ ଅଦ୍ୟାବଧି ଅଭିଯୋଗ ନ ହେବା ଘଟଣାକୁ ରହସ୍ୟାବୃତ୍ତ କରିଛି। ଠିକାସଂସ୍ଥା ପକ୍ଷରୁ ମାମଲା ରୁଜୁ କରା ନ ଯିବାରୁ କ୍ଷତିଗ୍ରସ୍ତ ମାଲିକ ତୁମୁସିଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ନଂ. ୧୮୧/୨୦ରେ ଏକ ମାମଲା ରୁଜୁ କରାଯାଇଛି। ହେଲେ ଘଟଣାର ୩ ଦିନ ପରେ ବି ପୋଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଓଟିପିସିଏଲ୍ କର୍ତ୍ତୃପକ୍ଷ କିମ୍ବା ଠିକାସଂସ୍ଥା ପକ୍ଷରୁ ସାମାନ୍ୟତମ ସମବେଦନା ମଧ ଜଣାଇନାହାନ୍ତି। ଘଟଣାର ରହସ୍ୟ ଉନ୍ମୋଚନ ଦାବିରେ କ୍ଷତିଗ୍ରସ୍ତ ମେଶିନ ମାଲିକ ଲକ୍ଷ୍ମୀଧର ପଣ୍ଡା, ବନମାଳୀ ରାଉତ, ସୁଧାଂଶୁ ଶେଖର ଦାସ, ରବିନାରାୟଣ ସାହୁ, ମନ୍ଦରଧର ସାହୁ, ସୌମ୍ୟ ପ୍ରସାଦ ପଣ୍ଡା ପ୍ରମୁଖ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଲକ୍ଷ୍ମୀଧର କୁହନ୍ତି, ପେଟପାଟଣା ଏବଂ ଅଞ୍ଚଳର ଉନ୍ନତି ଲାଗି ଠିକା କମ୍ପାନୀରେ ମେଶିନ ନିୟୋଜିତ କରିଥିଲୁ। ଲକ୍ଷାଧିକ ଟଙ୍କା ହରାଇବା ସତ୍ତ୍ୱେ କେହି ଜଣେ ହେଲେ ଆଶ୍ୱସନା ଦେଇନାହାନ୍ତି। ନ୍ୟାୟ ନ ମିଳିବା ଯାଏ ଅଖିଆଅପିଆ ବସିରହିବୁ। ଏ ସଂକ୍ରାନ୍ତରେ ତୁମୁସିଙ୍ଗା ଥାନା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। କାମାକ୍ଷାନଗର ଏସ୍‌ଡିପିଓ ସୁପ୍ରସନ୍ନ ମଲିକ କୁହନ୍ତି, ତଦନ୍ତ ଆରମ୍ଭ ହୋଇଛି। ଖୁବଶୀଘ୍ର ପର୍ଦ୍ଦାଫାଶ ହେବ।

## ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ ବନ୍ଦ

**ବନ୍ତଳା,୨୧।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଥାନା ବଡ଼କେରା ପଞ୍ଚାୟତ ତୁମୁଣି କୁକୁଟେଶ୍ୱର ମନ୍ଦିରରେ ପ୍ରତିବର୍ଷ ଜାନୁୟାରୀ ୧ରେ ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥାନ୍ତି। କିନ୍ତୁ ଚଳିତବର୍ଷ କରୋନା ମହାମାରୀ କାରଣରୁ ବିଶ୍ୱଶାନ୍ତି ମହାଯଜ୍ଞ ବନ୍ଦ ରଖାଯାଇଛି। ଏ ନେଇ ଗଠିତ କମିଟିର ଏକ ବୈଠକ ସୋମବାର କୁକୁଟେଶ୍ୱର ମନ୍ଦିରରେ ଅନୁଷ୍ଠିତ ହେବା ସହ ସେଥିରେ ଏହି ନିଷ୍ପତ୍ତି ନିଆଯାଇଛି। ସଭାପତି ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟି ସଦସ୍ୟମାନେ ଗ୍ରାମବାସୀଙ୍କୁ ସହଯୋଗ ମାଗିଥିଲେ। ତୁମୁଣି ଗାଁ ମୁଣ୍ଡରେ ବ୍ୟାରିକେଟ କରାଯାଇ କୌଣସି ଭକ୍ତଙ୍କୁ ଯଜ୍ଞସ୍ଥଳକୁ ନ ଛାଡିବା ନିଷ୍ପତ୍ତି ହୋଇଛି। ଏହି ବୈଠକରେ ହଡିବନ୍ଧୁ ବେହେରା, ଭଗବାନ ବିଶ୍ୱାଳ, ଜିତେନ୍ଦ୍ର ଆଚାର୍ଯ୍ୟ, ବୀରେନ୍ଦ୍ର ପ୍ରଧାନ, ଗିରୀଶ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ଜେନା, ପ୍ରମୋଦ ସାହୁ, ଜିତେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ବିରଞ୍ଚି ସାହୁ, ରବି ନାରାୟଣ ସାହୁ, ଅନୀଲ ବିଶ୍ୱାଳ, ଲଳିତ ଧଳ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ କମିଟି କର୍ମକର୍ତ୍ତାମାନେ।

